रजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

(127)

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ଵାରା ପ୍ରକାଶିତ**

राजभाषा खण्ड
विधायी विभाग
विधायी II अनुभाग
डा० सं० ९७७/९१
तारीख ५/९/९१

| | | | | | | | |
|---|---|---|---|---|---|---|---|
| **No 1,** | **NEW DELHI,** | **TUESDAY,** | **MAY 8,** | **1990/BAISAKH 18,** | **1912** | **(SAKA)** | **VOL I** |
| **ସଂ. 1,** | **ନୂଆଦିଲ୍ଲୀ,** | **ମଙ୍ଗଳବାର,** | **ମଇ 8,** | **1990/ବୈଶାଖ 18,** | **1912** | **(ଶକ)** | **ଗ୍ରନ୍ଥଖଣ୍ଡ 1** |

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୃଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଯୌତୁକ ପ୍ରତିଷେଧ ଅଧିନିୟମ, 1961

## 1961 ର ଅଧିନିୟମ ସଂ. 28

### ଯୌତୁକ ଦେବା କିମ୍ବା ନେବାକୁ ପ୍ରତିଷେଧ କରିବା ଲାଗି ଏକ ଅଧିନିୟମ

[20 ମଇ, 1961]

ଭାରତ ଗଣରାଜ୍ୟର ଦ୍ୱାଦଶ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ

1. (1) ଏହି ଅଧିନିୟମ ଯୌତୁକ ପ୍ରତିଷେଧ ଅଧିନିୟମ, 1961 ନାମରେ ଅଭିହିତ ହେବ ।

(2) ଏହା ଜମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତରେ ବିସ୍ତାରିତ ।

(3) କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ ଏହା ସେହି ତାରିଖ ଠାରୁ ପ୍ରବୃତ୍ତ ହେବ ।

"ଯୌତୁକ" ର ସଂଜ୍ଞା ।

2. ଏହି ଅଧିନିୟମରେ "ଯୌତୁକ" ଅର୍ଥ—

(କ) କୌଣସି ବିବାହର ଏକ ପକ୍ଷଙ୍କ ଦ୍ୱାରା ସେହି ବିବାହର ଅନ୍ୟ ପକ୍ଷଙ୍କୁ; ବା

(ଖ) କୌଣସି ବିବାହର ଯେକୌଣସି ଏକ ପକ୍ଷଙ୍କ ପିତାମାତା ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସେହି ବିବାହର ଯେକୌଣସି ଏକ ପକ୍ଷଙ୍କୁ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ;

ଉକ୍ତ ପକ୍ଷମାନଙ୍କର ସେହି ବିବାହ ସମ୍ବନ୍ଧରେ ସେହି ବିବାହବେଳେ ବା ତାହାପୂର୍ବରୁ ବା ତାହାପରେ ଯେକୌଣସି ସମୟରେ, ପ୍ରତ୍ୟକ୍ଷଭାବରେ ହେଉ କି ପରୋକ୍ଷଭାବରେ ହେଉ, ଦିଆଯାଇଥିବା ବା ଦେବା-ପାଇଁ ରାଜି ହୋଇଥିବା କୌଣସି ସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂତି, କିନ୍ତୁ ମୁସଲିମ ସ୍ୱୀୟ ବିଧି (ଶରିୟତ) ଯେଉଁ ବ୍ୟକ୍ତିଙ୍କ ପ୍ରତି ପ୍ରଯୋଜ୍ୟ ହେଉଥାଏ ସେମାନଙ୍କ କ୍ଷେତ୍ରରେ ଡାଓ୍ୱର ବା ମେହରକୁ ଯୌତୁକ ଅନ୍ତର୍ଭୁକ୍ତ କରିବ ନାହିଁ ।

*　　*　　*　　*

ସ୍ପଷ୍ଟୀକରଣ II—"ମୂଲ୍ୟବାନ ପ୍ରତିଭୂତି" ଅଭିବ୍ୟକ୍ତିଟିର ଅର୍ଥ ଭାରତୀୟ ଦଣ୍ଡ ସଂହିତାର ଧାରା 30ରେ ଯାହା ଅଛି ତାହା ହେବ ।

ଯୌତୁକ ଦେବା ବା ନେବା ପାଇଁ ଶାସ୍ତି ।

3. (1) ଯଦି କୌଣସି ବ୍ୟକ୍ତି ଏହି ଅଧିନିୟମର ପ୍ରାରମ୍ଭ ପରେ ଯୌତୁକ ଦିଅନ୍ତି ବା ଯୌତୁକ ନିଅନ୍ତି କିମ୍ବା ଯୌତୁକ ଦେବାକୁ ବା ନେବାକୁ କୁପ୍ରବର୍ତ୍ତନା ଦିଅନ୍ତି ତେବେ ସେ ପାଞ୍ଚ ବର୍ଷରୁ କମ୍ ହେଉନଥିବା ଏକ ଅବଧି ଲାଗି କାରାବାସରେ ତଥା ଅନ୍ୟୂନ ପନ୍ଦର ହଜାର ଟଙ୍କା ବା ସେପରି ଯୌତୁକର ମୂଲ୍ୟ ପରିମାଣ, ଏ ଦୁଇଟି ମଧ୍ୟରୁ ଯେଉଁ ପରିମାଣ ଅଧିକ ହେବ ସେହି ପରିମାଣ ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ :

ପରନ୍ତୁ, ନ୍ୟାୟାଳୟ, ରାୟରେ ଅଭିଲିଖିତବ୍ୟ ଯଥେଷ୍ଟ ଓ ବିଶେଷ କାରଣ ବଶତଃ, ପାଞ୍ଚ ବର୍ଷରୁ କମ୍ ଅବଧି ପାଇଁ କାରାବାସ ଦଣ୍ଡାଦେଶ ଆରୋପ କରିପାରିବେ ।

(2) ଉପଧାରା (1) ରେ ଥିବା କୌଣସି ବିଷୟ—

(କ) ଯେଉଁସବୁ ଉପହାର ନବବଧୂକୁ ବିବାହ ବେଳେ (ସେଥିପାଇଁ କୌଣସି ଦାବି କରା ନ ହେଉଣୁ) ଦିଆଯାଏ ସେଥିପ୍ରତି ବା ସେହି ସମ୍ବନ୍ଧରେ ଲାଗୁ ହେବ ନାହିଁ ।

ପରନ୍ତୁ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅନୁସାରେ ରଖାଯାଇଥିବା ଏକ ତାଲିକାରେ ସେହି ଉପହାରଗୁଡ଼ିକୁ ଦରଜ କରାଯାଇଥିବ;

(ଖ) ଯେଉଁସବୁ ଉପହାର ବରକୁ ବିବାହ ବେଳେ (ସେଥିପାଇଁ କୌଣସି ଦାବି କରା ନ ହେଉଣୁ) ଦିଆଯାଏ ସେଥିପ୍ରତି ବା ସେହି ସମ୍ବନ୍ଧରେ ଲାଗୁ ହେବ ନାହିଁ :

ପରନ୍ତୁ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅନୁସାରେ ରଖାଯାଇଥିବା ଏକ ତାଲିକାରେ ସେହି ଉପହାରଗୁଡ଼ିକୁ ଦରଜ କରାଯାଇଥିବ :

ଅଧିକନ୍ତୁ, ସେହି ଉପହାରଗୁଡ଼ିକ ନବବଧୂଙ୍କ ଦ୍ୱାରା ବା ତାଙ୍କ ତରଫରୁ ବା ନବବଧୂଙ୍କ ସଂପର୍କୀୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିଲେ ସେହି ଉପହାର ଗୁଡ଼ିକ ଲୌକାଚାରିକ ଧରଣର ହୋଇଥିବ ତଥା ତାହାର ମୂଲ୍ୟ, ଉପହାର ଦେଇଥିବା ବ୍ୟକ୍ତି ବା ଯାହାଙ୍କ ତରଫରୁ ଉପହାର ଦିଆଯାଇଥାଏ ତାହାଙ୍କ ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ଅତ୍ୟଧିକ ହୋଇନଥିବ ।

ଯୌତୁକ ଦାବି ପାଇଁ ଶାସ୍ତି ।

4. ଯଦି କୌଣସି ବ୍ୟକ୍ତି ନବବଧୂ ବା, ଯଥାସ୍ଥିତି, ବରର ପିତାମାତା ବା ଅନ୍ୟ ସଂପର୍କୀୟ ବା ଅଭିଭାବକଙ୍କ ଠାରୁ କୌଣସି ଯୌତୁକ ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷ ଭାବରେ ହେଉ ଦାବି କରନ୍ତି ତେବେ ସେ ଛଅମାସରୁ କମ୍ ହେଉନଥିବା ଦୁଇବର୍ଷ ପର୍ଯ୍ୟନ୍ତ ଏକ ଅବଧି ଲାଗି କାରାବାସରେ ଓ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ :

ପରନ୍ତୁ, ନ୍ୟାୟାଳୟ ରାୟରେ ଉଲ୍ଲିଖିତବ୍ୟ ଯଥେଷ୍ଟ ଓ ବିଶେଷ କାରଣ ବଶତଃ, ଛଅମାସରୁ କମ୍ ଅବଧି ପାଇଁ କାରାବାସ ଦଣ୍ଡାଦେଶ ଆରୋପ କରିପାରିବେ ।

ବିଜ୍ଞାପନ ଉପରେ ନିଷେଧ ।

4କ . ଯଦି କୌଣସି ବ୍ୟକ୍ତି,—

(କ) ତାଙ୍କର ପୁତ୍ର ବା କନ୍ୟା ବା ଅନ୍ୟ ଯେକୌଣସି ସମ୍ପର୍କୀୟଙ୍କ ବିବାହର ପ୍ରତିଫଳ ସ୍ୱରୂପ କୌଣସି ବ୍ୟବସାୟରେ ଅଂଶଭାବେ ତାଙ୍କ ସମ୍ପତ୍ତିର କୌଣସି ଅଂଶ ବା କୌଣସି ଧନ ବା ଉଭୟ ବା ଅନ୍ୟ ସ୍ୱାର୍ଥ, କୌଣସି ସମ୍ବାଦପତ୍ର, ସାମୟିକୀ, ପତ୍ରିକା ବା ଅନ୍ୟ ଯେକୌଣସି ମାଧ୍ୟମରେ କୌଣସି ବିଜ୍ଞାପନ ଦ୍ୱାରା ପ୍ରସ୍ତାବ କରନ୍ତି,

(ଖ) ଖଣ୍ଡ (କ) ରେ ଉଲ୍ଲିଖିତ କୌଣସି ବିଜ୍ଞାପନକୁ ମୁଦ୍ରଣ କରନ୍ତି ବା ପ୍ରକାଶ କରନ୍ତି ବା ପ୍ରଚାରଣ କରନ୍ତି,

ତେବେ ସେ ଅନ୍ୟୂନ ଛଅମାସ ଓ ସର୍ବାଧିକ ପାଞ୍ଚବର୍ଷ ପର୍ଯ୍ୟନ୍ତ ଏକ ଅବଧି ଲାଗି କାରାବାସରେ ବା ପନ୍ଦର ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ:

ପରନ୍ତୁ, ନ୍ୟାୟାଳୟ ରାୟରେ ଅଭିଲିଖିତବ୍ୟ ଯଥେଷ୍ଟ ଓ ବିଶେଷ କାରଣ ବଶତଃ, ଛଅମାସରୁ କମ୍ ଅବଧି ପାଇଁ କାରାବାସ ଦଣ୍ଡାଦେଶ ଆରୋପ କରିପାରିବେ ।

ଯୌତୁକ ଦେବାପାଇଁ ବା ନେବାପାଇଁ ରାଜିନାମା ବ୍ୟର୍ଥହେବ ।

5. ଯୌତୁକ ଦେବା ପାଇଁ ବା ନେବା ପାଇଁ ଯେକୌଣସି ରାଜିନାମା ବ୍ୟର୍ଥ ହେବ ।

ଯୌତୁକ, ପତ୍ନୀ ବା ତାଙ୍କର ଦାୟାଦମାନଙ୍କ ହିତ ପାଇଁ ହେବ ।

6. (1) ଯେଉଁ ନାରୀଙ୍କ ବିବାହ ସମ୍ପର୍କରେ କୌଣସି ଯୌତୁକ ଦିଆଯାଇଥାଏ ତାଙ୍କ ଛଡ଼ା ଅନ୍ୟ କୌଣସି ବ୍ୟକ୍ତି ଯଦି ତାହା ଗ୍ରହଣ କରିଥାନ୍ତି ତେବେ ସେହି ବ୍ୟକ୍ତି:—

(କ) ବିବାହ ପୂର୍ବରୁ ଯୌତୁକ ମିଳିଥିଲେ, ବିବାହ ତାରିଖର ପରବର୍ତ୍ତୀ ତିନିମାସ ମଧ୍ୟରେ; ବା

(ଖ) ବିବାହ ବେଳେ ବା ବିବାହ ପରେ ଯୌତୁକ ମିଳିଥିଲେ, ତାହା ମିଳିବା ତାରିଖର ପରବର୍ତ୍ତୀ ତିନିମାସ ମଧ୍ୟରେ ; ବା

(ଗ) ସେହି ନାରୀ ଅପ୍ରାପ୍ତବୟସ୍କା ଥିବାବେଳେ ଯୌତୁକ ମିଳିଥିଲେ, ତାଙ୍କୁ ଅଠରବର୍ଷ ପୂରିବା ପରେ ତିନିମାସ ମଧ୍ୟରେ—

ତାହାକୁ ସେହି ନାରୀଙ୍କୁ ଅନ୍ତରଣ କରିବେ ଓ ସେପରି ଅନ୍ତରଣ ପର୍ଯ୍ୟନ୍ତ ତାହାକୁ ସେହି ନାରୀଙ୍କ ହିତକଲେ ନ୍ୟାସରୂପେ ଧାରଣ କରିବେ ।

(2) ଯଦି କୌଣସି ବ୍ୟକ୍ତି ଉପଧାରା (1) ଦ୍ୱାରା ଆବଶ୍ୟକ ହେବାମତେ ସେଥିପାଇଁ ବିନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବା ଉପଧାରା (3) ରେ ଆବଶ୍ୟକ ହେବାମତେ, କୌଣସି ସମ୍ପତ୍ତି ଅନ୍ତରଣ କରନ୍ତି ନାହିଁ ତେବେ ସେ ଛଅମାସରୁ କମ୍ ହେଉ ନ ଥିବା ଦୁଇବର୍ଷ ପର୍ଯ୍ୟନ୍ତ ଏକ ଅବଧି ଲାଗି କାରାବାସରେ ବା ପାଞ୍ଚହଜାର ଟଙ୍କାରୁ କମ୍ ହେଉ ନ ଥିବା ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

(3) ଉପଧାରା (1) ଅନୁଯାୟୀ କୌଣସି ସମ୍ପତ୍ତି ପାଇବାକୁ ହକ୍‌ଦାର ଥିବା ନାରୀ ତାହା ପାଇବା ପୂର୍ବରୁ ମରିଗଲେ, ସେହି ନାରୀଙ୍କର ଦାୟାଦମାନେ ତତ୍‌ସମୟରେ ତାହା ରଖିଥିବା ବ୍ୟକ୍ତିଙ୍କଠାରୁ ତାହାକୁ ଦାବି କରିବାପାଇଁ ହକ୍‌ଦାର ହେବେ :

ପରନ୍ତୁ ଯେବେ ସେହି ନାରୀ ତାଙ୍କର ବିବାହର ସାତବର୍ଷ ମଧ୍ୟରେ ସ୍ୱାଭାବିକ କାରଣ ଭିନ୍ନ ଅନ୍ୟଥା ମରିଯାଆନ୍ତି ତାହାହେଲେ ସେହି ସମ୍ପତ୍ତି —

(କ) ଯଦି ତାଙ୍କର ସନ୍ତାନ ନ ଥାନ୍ତି ତାହାହେଲେ ତାଙ୍କର ପିତାମାତାଙ୍କୁ ଅନ୍ତରଣ କରାଯିବ, ବା

(ଖ) ଯଦି ତାଙ୍କର ସନ୍ତାନ ଥାଆନ୍ତି ତାହାହେଲେ ସେହି ସନ୍ତାନଙ୍କୁ ଅନ୍ତରଣ କରାଯିବ ଓ ସେପରି ଅନ୍ତରଣ ପର୍ଯ୍ୟନ୍ତ ତାହାକୁ ସେହି ସନ୍ତାନଙ୍କ ନିମନ୍ତେ ନ୍ୟାସରୂପେ ଧାରଣ କରାଯିବ ।

(3କ) ଉପଧାରା (1) ବା ଉପଧାରା (3) ଦ୍ୱାରା ଆବଶ୍ୟକ ହେବା ମତେ କୌଣସି ସମ୍ପତ୍ତି ଅନ୍ତରଣ କରି ନ ଥିବା ଯୋଗୁଁ ଉପଧାରା (2) ଅନୁଯାୟୀ ସିଦ୍ଧଦୋଷ ହୋଇଥିବା କୌଣସି ବ୍ୟକ୍ତି, ସେହି ଉପଧାରା ଅନୁଯାୟୀ ତାଙ୍କର ଦୋଷସିଦ୍ଧି ପୂର୍ବରୁ ସେଥିପାଇଁ ହକ୍‌ଦାର ଥିବା ନାରୀଙ୍କୁ ବା, ଯଥାସ୍ଥିତି, ତାଙ୍କର ଦାୟାଦମାନଙ୍କୁ, ପିତାମାତାଙ୍କୁ ବା ସନ୍ତାନଙ୍କୁ ତାହା ଅନ୍ତରଣ କରି ନ ଥିଲେ ନ୍ୟାୟାଳୟ ସେହି ଉପଧାରା ଅନୁଯାୟୀ ଦଣ୍ଡ ଦେବାସହ ଲିଖିତ ଆଦେଶ ଦ୍ୱାରା ନିର୍ଦ୍ଦେଶ ଦେବେ ଯେ ଉକ୍ତ ବ୍ୟକ୍ତି ସେହି ନାରୀଙ୍କୁ, ବା, ଯଥାସ୍ଥିତି ତାଙ୍କର ଦାୟାଦମାନଙ୍କୁ, ପିତାମାତାଙ୍କୁ ବା ସନ୍ତାନଙ୍କୁ ଆଦେଶରେ ବିନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ସେହି ସମ୍ପତ୍ତି ଅନ୍ତରଣ କରିବେ, ଏବଂ ଯଦି ସେହି ବ୍ୟକ୍ତି ଏହିରୂପେ ବିନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ନିର୍ଦ୍ଦେଶ ଅନୁପାଳନ କରନ୍ତି ନାହିଁ ତାହାହେଲେ ସେହି ସମ୍ପତ୍ତିର ମୂଲ୍ୟ ସହିତ ସମାନ ଏକ ପରିମାଣ ସେହି ନ୍ୟାୟାଳୟ ଦ୍ୱାରା ଆରୋପିତ ଏକ ଜୋରିମାନା ପରି ତାଙ୍କଠାରୁ ଅସୁଲ କରାଯାଇପାରିବ ଏବଂ ତାହା ସେହି ନାରୀ ବା, ଯଥାସ୍ଥିତି, ତାଙ୍କର ଦାୟାଦମାନଙ୍କୁ, ପିତାମାତାଙ୍କୁ ବା ସନ୍ତାନଙ୍କୁ ଦିଆଯିବ :

(4) ଏହି ଧାରାରେ ଥିବା କୌଣସି ବିଷୟ ଧାରା 3 ବା ଧାରା 4ର ଉପବନ୍ଧଗୁଡ଼ିକୁ ପ୍ରଭାବିତ କରିବ ନାହିଁ ।

ଅପରାଧଗୁଡ଼ିକର ସଂଜ୍ଞାନ ।

7. (1) ଦଣ୍ଡ ପ୍ରକ୍ରିୟା ସଂହିତା, 1973ରେ ଯାହାକିଛି ଥିବା ସତ୍ତ୍ୱେ,— 1974ର 2

(କ) ମହାନଗରୀୟ ମାଜିଷ୍ଟ୍ରେଟ ବା ପ୍ରଥମ ଶ୍ରେଣୀର ନ୍ୟାୟିକ ମାଜିଷ୍ଟ୍ରେଟଙ୍କଠାରୁ ନ୍ୟୂନ ହୋଇଥିବା କୌଣସି ନ୍ୟାୟାଳୟ ଏହି ଅଧିନିୟମ ଅନୁଯାୟୀ କୌଣସି ଅପରାଧ ବିଚାରଣ କରିପାରିବେ ନାହିଁ ;

(ଖ) (i) ଏହି ଅଧିନିୟମ ଅନୁଯାୟୀ ଏକ ଅପରାଧ ସଂଘଟିତ କରୁଥିବା ତଥ୍ୟମାନ ବିଷୟରେ ନ୍ୟାୟାଳୟର ନିଜର ଜ୍ଞାନ ନଥିଲେ ବା ଏକ ପୋଲିସ ରିପୋର୍ଟ ମିଳିନଥିଲେ ; ବା

(ii) ସେହି ଅପରାଧଦ୍ୱାରା ବ୍ୟଥିତ ବ୍ୟକ୍ତି ବା ତାଙ୍କର ପିତା ବା ମାତା ବା ଅନ୍ୟ ସମ୍ପର୍କୀୟ ବ୍ୟକ୍ତି, ବା କୌଣସି ସ୍ୱୀକୃତପ୍ରାପ୍ତ ଜନକଲ୍ୟାଣ ଅନୁଷ୍ଠାନ ବା ସଂଗଠନ ଫରିଆଦ କରିନଥିଲେ,

ସେହି ନ୍ୟାୟାଳୟ ସେହି ଅପରାଧର ସଂଜ୍ଞାନ ନେବେ ନାହିଁ ;

(ଗ) ଜଣେ ମହାନଗରୀୟ ମାଜିଷ୍ଟ୍ରେଟ ବା ପ୍ରଥମ ଶ୍ରେଣୀର ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ପକ୍ଷରେ ଏହି ଅଧିନିୟମ ଅନୁଯାୟୀ କୌଣସି ଅପରାଧଲାଗି ଦୋଷସିଦ୍ଧ କୌଣସି ବ୍ୟକ୍ତିଙ୍କ ଉପରେ ଏହି ଅଧିନିୟମ ଦ୍ୱାରା ପ୍ରାଧିକୃତ କୌଣସି ଦଣ୍ଡାଦେଶ ଦେବା ବିଧିସମ୍ମତ ହେବ ।

ସ୍ପଷ୍ଟୀକରଣ— ଏହି ଉପଧାରା ପ୍ରୟୋଜନାର୍ଥ "ସ୍ୱୀକୃତପ୍ରାପ୍ତ ଜନକଲ୍ୟାଣ ଅନୁଷ୍ଠାନ ବା ସଂଗଠନ"ର ଅର୍ଥ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ସ୍ୱୀକୃତ କୌଣସି ସମାଜ କଲ୍ୟାଣ ଅନୁଷ୍ଠାନ ବା ସଂଗଠନ ।

(2) ଦଣ୍ଡ ପ୍ରକ୍ରିୟା ସଂହିତା, 1973ର ଅଧ୍ୟାୟ XXXVIରେ ଥିବା କୌଣସି ବିଷୟ ଏହି ଅଧି- 1974ର2
ନିୟମ ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧ ପ୍ରତି ପ୍ରଯୋଜ୍ୟ ହେବନାହିଁ ।

(3) ତତ୍ସମୟ ପ୍ରବୃତ୍ତ କୌଣସି ବିଧିରେ ଯାହାକିଛି ଥିବା ସତ୍ତ୍ୱେ, ସେହି ଅପରାଧ ଦ୍ୱାରା ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ କୌଣସି ବିବୃତି ସେପରି ବ୍ୟକ୍ତିଙ୍କୁ ଏହି ଅଧିନିୟମ ଅନୁଯାୟୀ ଅଭିଯୋଜନାଧୀନ କରିବ ନାହିଁ ।

କେତେକ ଉଦ୍ଦେଶ୍ୟରେ ଅପରାଧ ସଂଜ୍ଞେୟ ହେବ ଓ ଜାମିନ ଯୋଗ୍ୟ ଏବଂ ରଫା ଅଯୋଗ୍ୟ ହେବ ।

8. (1) ଦଣ୍ଡ ପ୍ରକ୍ରିୟା ସଂହିତା, 1973,—

(କ) ଏହି ଅଧିନିୟମ ଅଧୀନ ଅପରାଧ ଗୁଡ଼ିକର ଅନୁସନ୍ଧାନ ଉଦ୍ଦେଶ୍ୟରେ ; ଏବଂ

(ଖ) (i) ସେହି ସଂହିତାର ଧାରା 42 ରେ ସୂଚିତ ବିଷୟ ; ଓ

(ii) ବିନା ୱାରେଣ୍ଟରେ ବା ମାଜିଷ୍ଟ୍ରେଟଙ୍କ ବିନା ଆଦେଶରେ କୌଣସି ବ୍ୟକ୍ତିଙ୍କ ଗିରଫ, ଭିନ୍ନ ଅନ୍ୟ ଉଦ୍ଦେଶ୍ୟରେ ;

ଏହି ଅଧିନିୟମ ଅଧୀନ ଅପରାଧଗୁଡ଼ିକ ପ୍ରତି ଏପରି ପ୍ରଯୋଜ୍ୟ ହେବ ଯେପରିକି ସେଗୁଡ଼ିକ ସଂଜ୍ଞେୟ ଅପରାଧ ଥିଲା ।

(2) ଏହି ଅଧିନିୟମ ଅନୁଯାୟୀ ପ୍ରତ୍ୟେକ ଅପରାଧ ଜାମିନ ଅଯୋଗ୍ୟ ଓ ରଫା ଅଯୋଗ୍ୟ ହେବ ।

କେତେକ ମାମଲାରେ ପ୍ରମାଣଭାର ।

8କ. ଯେବେ କୌଣସି ବ୍ୟକ୍ତି ଧାରା 3 ଅନୁଯାୟୀ ଯୌତୁକ ନେଇଛନ୍ତି ବୋଲି ବା ନେବାକୁ କୁପ୍ରବର୍ତ୍ତନା ଦେଇଛନ୍ତି ବୋଲି ବା ଧାରା 4 ଅନୁଯାୟୀ ଯୌତୁକ ଦାବି କରିଛନ୍ତି ବୋଲି ଅଭିଯୋଜିତ ହୋଇଥାନ୍ତି ତେବେ ସେ ସେହି ଧାରା ଅନୁଯାୟୀ ଅପରାଧ କରିନାହାନ୍ତି ବୋଲି ପ୍ରମାଣ କରିବାର ଭାର ତାଙ୍କ ଉପରେ ରହିବ ।

ଯୌତୁକ ପ୍ରତିଷେଧ ଅଧିକାରୀବୃନ୍ଦ ।

8ଖ. (1) ରାଜ୍ୟ ସରକାର ଯେତିକି ସଂଖ୍ୟକ ଯୌତୁକ ପ୍ରତିଷେଧ ଅଧିକାରୀ ନିଯୁକ୍ତ କରିବା ଉପଯୁକ୍ତ ହେବ ବୋଲି ଭାବିବେ ସେତିକି ସଂଖ୍ୟକ ଅଧିକାରୀଙ୍କୁ ନିଯୁକ୍ତ କରିପାରିବେ ଓ ସେମାନେ ଏହି ଅଧିନିୟମ ଅନୁଯାୟୀ କେଉଁ କେଉଁ କ୍ଷେତ୍ରମାନଙ୍କରେ ସେମାନଙ୍କର ଅଧିକାରିତା ଓ କ୍ଷମତା ପ୍ରୟୋଗ କରିବେ ତାହା ବିନିର୍ଦ୍ଦିଷ୍ଟ କରିପାରିବେ ।

(2) ପ୍ରତ୍ୟେକ ଯୌତୁକ ପ୍ରତିଷେଧ ଅଧିକାରୀ ନିମ୍ନଲିଖିତ କ୍ଷମତା ତଥା କୃତ୍ୟମାନ ପ୍ରୟୋଗ ଓ ସଂପାଦନ କରିବେ,–

(କ) ଏହି ଅଧିନିୟମର ଉପବନ୍ଧମାନ ଯେପରି ଅନୁପାଳନ କରାଯିବ ତାହା ଦେଖିବେ,

(ଖ) ଯୌତୁକ ନେବା ଦେବା ଯୌତୁକ ନେବାକୁ କୁପ୍ରବର୍ତ୍ତନା ଦେବା ବା ଯୌତୁକ ଦାବି କରିବାକୁ, ଯଥାସମ୍ଭବ, ନିବାରଣ କରିବେ,

(ଗ) ଏହି ଅଧିନିୟମ ଅନୁଯାୟୀ ଅପରାଧ କରୁଥିବା ବ୍ୟକ୍ତିମାନଙ୍କର ଅଭିଯୋଜନ ନିମନ୍ତେ ଆବଶ୍ୟକ ହେଉଥିବା ସାକ୍ଷ୍ୟ ସଂଗ୍ରହ କରିବେ,

(ଘ) ଯେଉଁ ଅତିରିକ୍ତ କୃତ୍ୟମାନ ରାଜ୍ୟ ସରକାର ତାଙ୍କୁ ସମନୁଦେଶନ କରିପାରନ୍ତି ବା ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀରେ ବିନିର୍ଦ୍ଦିଷ୍ଟ ହୋଇପାରେ ତାହା ସେ ସମ୍ପାଦନ କରିବେ ।

(3) ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା, ଜଣେ ପୋଲିସ ଅଧିକାରୀଙ୍କର ଯେଉଁ ଯେଉଁ କ୍ଷମତା ସେହି ଅଧିସୂଚନାରେ ବିନିର୍ଦ୍ଦିଷ୍ଟ ହୋଇପାରେ ସେହି କ୍ଷମତାଗୁଡ଼ିକୁ ଯୌତୁକ ପ୍ରତିଷେଧ ଅଧିକାରୀଙ୍କୁ ଅର୍ପଣ କରିପାରିବେ ଯେଉଁ ଯୌତୁକ ପ୍ରତିଷେଧ ଅଧିକାରୀ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ବିନିର୍ଦ୍ଦିଷ୍ଟ ପରିସୀମା ଓ ସର୍ତ୍ତାବଳୀ ପ୍ରତି ସାପେକ୍ଷ ରହି ସେହି କ୍ଷମତାଗୁଡ଼ିକୁ ପ୍ରୟୋଗ କରିବେ ।

(4) ଯୌତୁକ ପ୍ରତିଷେଧ ଅଧିକାରୀମାନେ ଏ ଅଧିନିୟମ ଅନୁଯାୟୀ ସେମାନଙ୍କର କୃତ୍ୟମାନ ଦକ୍ଷତା-ସହକାରେ ସମ୍ପାଦନ କରିବାରେ ସେମାନଙ୍କୁ ଉପଦେଶ ଓ ସହାୟତା ଦେବା ଉଦ୍ଦେଶ୍ୟରେ, ଉପଧାରା (1) ଅନୁଯାୟୀ ସେହି ଅଧିକାରୀ ଯେଉଁ କ୍ଷେତ୍ର ଉପରେ ଅଧିକାରିତା ପ୍ରୟୋଗ କରୁଥିବେ ସେହି କ୍ଷେତ୍ରରୁ, ସର୍ବାଧିକ ପାଞ୍ଚଜଣ ସମାଜକଲ୍ୟାଣ କର୍ମୀ (ସେମାନଙ୍କ ମଧ୍ୟରୁ ଅନ୍ୟୂନ ଦୁଇଜଣ ନାରୀ ହୋଇଥିବେ)ଙ୍କୁ ନେଇ ରାଜ୍ୟ ସରକାର ଏକ ଉପଦେଷ୍ଟା ବୋର୍ଡ ନିଯୁକ୍ତ କରିବେ ।

ନିୟମାବଳୀ ପ୍ରଣୟନ କରିବା କ୍ଷମତା ।

9. (1) କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ପ୍ରୟୋଜନଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷତଃ ତଥା ପୂର୍ବଗାମୀ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ, ସେପରି ନିୟମାବଳୀରେ ନିମ୍ନଲିଖିତ ବିଷୟ ପାଇଁ ଉପବନ୍ଧ କରାଯାଇ ପାରିବ :—

(କ) କେଉଁ ଫାରମରେ ଓ କେଉଁ ରୀତିରେ ଏବଂ କେଉଁ ବ୍ୟକ୍ତିଙ୍କ ଦ୍ୱାରା ଧାରା 3ର ଉପଧାରା (2)ରେ ଉଲ୍ଲିଖିତ ଉପହାର ଗୁଡ଼ିକର ତାଲିକା ରଖାଯିବ ଏବଂ ତତ୍ସଂପୃକ୍ତ ଅନ୍ୟ ସମସ୍ତ ବିଷୟ ; ଏବଂ

(ଖ) ଏହି ଅଧିନିୟମର ପ୍ରଶାସନ ସମ୍ବନ୍ଧରେ କାର୍ଯ୍ୟଧାରା ଓ କାର୍ଯ୍ୟାନୁଷ୍ଠାନର ଉତ୍ତମ ସମନ୍ୱୟ ।

(3) ଏହି ଧାରା ଅନୁଯାୟୀ ପ୍ରଣୀତ ପ୍ରତ୍ୟେକ ନିୟମ, ତାହା ପ୍ରଣୀତ ହେବାପରେ ଯଥାସମ୍ଭବ ଶୀଘ୍ର ସଂସଦର ପ୍ରତ୍ୟେକ ସଦନ ସତ୍ରରେ ଥିବାବେଳେ ତାହା ସମକ୍ଷରେ ମୋଟ ତିରିଶ ଦିନ କାଳାବଧି ପାଇଁ ଉପସ୍ଥାପିତ ହେବ, ଯେଉଁ କାଳାବଧି କି ଏକ ସତ୍ର ବା ଦୁଇ ବା ତତୋଽଧିକ କ୍ରମବର୍ତ୍ତୀ ସତ୍ର ବିଶିଷ୍ଟ ହୋଇପାରେ, ଏବଂ ଯଦି ଉପରୋକ୍ତ ସତ୍ର ବା କ୍ରମବର୍ତ୍ତୀ ସତ୍ରଗୁଡ଼ିକର ଅବ୍ୟବହିତ ପରବର୍ତ୍ତୀ ସତ୍ରର ଅବସାନ ପୂର୍ବରୁ ନିୟମରେ କୌଣସି ରୂପଭେଦ କରାଯିବା ନେଇ ଉଭୟ ସଦନ ଏକମତ ହୁଅନ୍ତି ବା ଉଭୟ ସଦନ ଏକମତ ହୁଅନ୍ତି ଯେ ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ, ତାହାହେଲେ ତାହାପରେ ସେହି ନିୟମଟି ସେପରି ରୂପଭେଦନ ହୋଇଥିବା ରୂପରେ ପ୍ରଭାବୀ ହେବ ବା, ଯଥାସ୍ଥିତି, ଆଦୌ ପ୍ରଭାବୀ ହେବ ନାହିଁ, ଅବଶ୍ୟ ସେପରି ରୂପଭେଦନ ବା ରଦ୍ଦକରଣ ସେହି ନିୟମ ଅନୁଯାୟୀ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବିଧିମାନ୍ୟତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

ନିୟମାବଳୀ ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କ କ୍ଷମତା ।

10. (1) ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ପ୍ରୟୋଜନଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷତଃ ତଥା ପୂର୍ବଗାମୀ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ସେପରି ନିୟମାବଳୀରେ ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟ ପାଇଁ ଉପବନ୍ଧ କରାଯାଇ ପାରିବ—

(କ) ଧାରା 8ଖ ର ଉପଧାରା (2) ଅନୁଯାୟୀ ଯୌତୁକ ପ୍ରତିଷେଧ ଅଧିକାରୀମାନଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଅତିରିକ୍ତ କୃତ୍ୟମାନ,

(ଖ) ଯୌତୁକ ପ୍ରତିଷେଧ ଅଧିକାରୀମାନେ, ଧାରା 8ଖ ର ଉପଧାରା (3) ଅନୁଯାୟୀ କେଉଁ ପରିସୀମା ଓ ସର୍ତ୍ତାବଳୀ ପ୍ରତି ସାପେକ୍ଷ ରହି ତାଙ୍କର କୃତ୍ୟମାନ ସମ୍ପାଦନ କରିପାରିବେ ।

(3) ଏହି ଧାରା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ, ତାହା ପ୍ରଣୀତ ହେବାପରେ, ଯଥାସମ୍ଭବ ଶୀଘ୍ର ରାଜ୍ୟ ବିଧାନମଣ୍ଡଳ ସମକ୍ଷରେ ଉପସ୍ଥାପିତ ହେବ ।

ସଚିବ, ଭାରତ ସରକାର

**Secretary to the Government of India**

OGP—MP-VI—(Law) 47—230—5-8-1991